# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ. - ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ- ୭୫୩୦୦୬

### ୨୦୧୯ ମସିହା ଅଗଷ୍ଟ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ବଲାଙ୍ଗିର, ସୁବର୍ଣ୍ଣପୁର, କଳାହାଣ୍ଡି, ବରଗଡ, ସମ୍ବଲପୁର ଏବଂ ଦେବଗଡ ଆଦି ପଶ୍ଚିମ ଓଡିଶାର ଜିଲ୍ଲା ମାନଙ୍କରେ ଏବଂ ଦକ୍ଷିଣ ଓଡିଶାର କିଛି ଜିଲ୍ଲାରେ ଅଗଷ୍ଟ ମାସର ଦ୍ୱିତୀୟ ସପ୍ତାହରେ ସାଧାରଣଠାରୁ ଅଧିକ ବୃଷ୍ଟିପାତ ହୋଇ ବନ୍ୟା ସଙ୍କଟ ସୃଷ୍ଟି ହୋଇଛି ।

ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଧାନଫସଲର ସୁରକ୍ଷା କରିବା ପାଇଁ ଆପାଦକାଳୀନ ପଦକ୍ଷେପ :

- ଧାନ ଜମିରୁ ଅଧିକ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ଯେଉଁ ଚାଷୀମାନେ ବନ୍ୟା ହେବାର ୨ ସପ୍ତାହ ପୂର୍ବରୁ ସ୍ୱର୍ଣ୍ଣ ସବ-୧ କିସମ ରୋଇଛନ୍ତି, ତାହା ଜଳମଗ୍ନ ଥିଲେ ମଧ୍ୟ କିଛି କ୍ଷତି ହେବନି । କିନ୍ତୁ ପାଣି ଛାଡିବା ପରେ ଧାନ ଗଛରେ ଲାଗିଥିବା ମାଟି ଧୂଳି ସଫା ପାଣି ସିଞ୍ଚନ କରି ସଫା କରି ଦିଅନ୍ତୁ ।
- ଧାନ ଫସଲ କିଛି ମାତ୍ରାରେ ଧୋଇଯାଇଥିଲେ, ଅଧିକ ପିଲଥିବା ବୁଦାରୁ ମୂଳସହ ପିଲ ବାହାର କରି ଖାଲିଥିବା ଜାଗାରେ ରୁଅନ୍ତୁ ।
- ଯଦି ୫୦ ପ୍ରତିଶତ ରୁ ଅଧିକ ସଂଖ୍ୟକ ଧାନବୁଦା ନଷ୍ଟ ହୋଇଯାଇଥାଏ, ତେବେ ଯେଉଁ ବୁଦାରେ ଅଧିକ ତଳି ଲାଗିଛି କିମ୍ବା ବୁଢାତଳି ଉପଲବ୍ଧ ଅଛି, ବୁଦାପ୍ରତି ୪-୫ଟି ତଳି ଆଉଥରେ ରୁଅନ୍ତୁ ।
- ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲେ, ଚାଷୀମାନଙ୍କୁ ୧୦୦ ଦିନିଆ କିମ୍ବା ତାଠାରୁ କାମ ଦିନିଆ କିସମ ବ୍ୟବହାର କରିବା ପାଇଁ ଉପଦେଶ ଦିଆଯାଉଛି ଏବଂ ତଳିରୁଆ କାମ ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହ ସୁଦ୍ଧା ସାରିଦେବା ଦରକାର ।
- ଯଦି ଜଳମଗ୍ନ ପରିସ୍ଥିତି ବହୁତ ଦିନ ଯାଏ ଲାଗି ରହେ ଏବଂ ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହ ସୁଦ୍ଧା ଧାନ ରୁଆ କାମ ନ ସରେ, ତେବେ ଚାଷୀ ମାନଙ୍କୁ ଉପଦେଶ ଦିଆ ଯାଉଛି କି ଧାନ ଛଡା ଡାଲି ଜାତୀୟ କିମ୍ବା ତୈଳ ଜାତୀୟ ଫସଲ କରନ୍ତୁ ।
- ଏଭଳି ବନ୍ୟା ପରିସ୍ଥିତି ପରେ ବିଭିନ୍ନ ପ୍ରକାର ରୋଗପୋକ ଯଥା ପତ୍ରପୋଡା, ପତ୍ରଗାର ପୋଡା, ପତ୍ରାଚ୍ଛଦ ସଢା ରୋଗ ଏବଂ ଲେଡା ପୋକ ପାଇଁ ସାବଧାନତା ଅବଲମ୍ବନ କରିବା ଦରକାର ।
- ପତ୍ର ପୋଡା ରୋଗ ଦମନ ପାଇଁ ଏକ ଲିଟର ପାଣିରେ କପର ଅକ୍ସିକ୍ଲୋରାଇଡ୍ ୧.୫ ରୁ ୨ ଗ୍ରାମ ମିଶାଇ ସିଞ୍ଚନ କରନ୍ତୁ ।
- ପତ୍ରାଚ୍ଛଦ ପୋଡା ରୋଗ ଦମନ ପାଇଁ ଟେବୁକୋନାଜୋଲ୍ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% ଡବଲ୍ୟୁଜି ୦.୪ ଗ୍ରାମ କିମ୍ବା ପ୍ରୋପିକୋନାଜଲ୍ ୭୫% ୧ମି.ଲି. ଏକ ଲିଟର ପାଣିରେ କିମ୍ବା ହେକ୍ସାକୋନାଜଲ୍ ୫୦% ୨ ମି.ଲି. ଏକ ଲିଟର ପାଣିରେ ମିଶାଇ ୭-୧୦ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ ।
- ଯଦି ଲେଡାପୋକ ଦେଖାଯାଏ ତେବେ କ୍ଲୋରୋପାଇରିଫସ୍ ୨୦ ଇସି. ଏକ ଲିଟର ପାଣିରେ ୨.୫ ମି.ଲି. ମିଶାଇ ହିଡ ଉପରେ ସିଞ୍ଚନ କରନ୍ତୁ ।

## ବୁଣା ଧାନ :

• ଗଭୀର ଓ ସ୍ୱଳ୍ପ ଗଭୀର ଛଟାବୁଣା ଧାନ ଅଞ୍ଚଳରେ ଯେଉଁଠାରେ ଘାସମରା ଔଷଧ ପ୍ରୟୋଗ କରାଯାଇ ନଥିବ ସେହି ଜମିରେ ୭ ରୁ ୧୦ ସେ.ମି. ଠିଆ ପାଣି ବାନ୍ଧି ରଖି ବେଉଷଣି କରନ୍ତୁ ଏବଂ ପରେ ଏକର ପିଛା ୧୪ କି.ଗ୍ରା. ୟୁରିଆ ପିଲସାର ଭାବେ ପ୍ରୟୋଗ କରନ୍ତୁ ।

• ଯେଉଁ ଜମିରେ ଠିକ୍ ସମୟରେ ଧାନ ବୁଣାଯାଇଛି ସେଠାରେ ପିଲ ବହାରିବା ସମୟରେ ୧୪ କି.ଗ୍ରା. ୟୁରିଆ ପିଲସାର ଭାବେ ପ୍ରୟୋଗ କରନ୍ତୁ ।

• କାଣ୍ଡବିନ୍ଧା ପୋକ ଦେଖାଦେଲେ ଏକର ପିଛା ୪ କି.ଗ୍ରା. କ୍ଲୋରାନଟ୍ରନିଲିପ୍ରୋଲ୍ ୦.୪ଜି. ସହିତ ୪ କି.ଗ୍ରା. ବାଲି ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ୱା କ୍ଲୋରାନଟ୍ରନିଲିପ୍ରୋଲ୍ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ରୁଆ ଧାନ :

• ରୁଆଧାନରେ ବାଳୁଙ୍ଗା ଦମନ ପାଇଁ ବେନ୍ସଲଫ୍ୟୁରନ୍ ମିଥାଇଲ୍ + ପ୍ରିଟିଲାକ୍ଲର (ଲୋଣ୍ଡେକ୍ସ ପାୱାର କିମ୍ୱା ଇରେଜ ଷ୍ଟ୍ରୋଙ୍ଗ ନାମରେ ବଜାରରେ ଉପଲବ୍ଧ) ଏକରକୁ ୪ କିଗ୍ରା ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ରୋଇବାର ୩ ରୁ ୭ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ କିମ୍ୱା ଏକର ପ୍ରତି ୧୨୦ ମି.ଲି. ବିଶ୍ ପାରିବା କ୍ ସୋଡିୟମ ୧୦ ଏସ.ସି. (ନୋମିନି ଗୋଲଡ) ରୋଇବାର ୧୦-୧୨ ଦିନ ପରେ କିମ୍ୱା ଏକର ପିଛା ପେନୋସ୍କୁଲାମ ସହିତ ସାଇହାଲୋଫୋପ ବ୍ୟୁଟାଇଲ (ଭିଭାୟା) ୯୦୦ ମି.ଲି. ତଳିରୁଆର ୧୫-୨୦ ଦିନ ପରେ ସିଞ୍ଚନ କରନ୍ତୁ ।

• ଯେଉଁ ଜମିରେ ଦସ୍ତା ପରିମାଣ କମ ଥିବ, ଏକ ଏକର ପିଛା ଜିଙ୍କ ଇ.ଡ଼ି.ଟି.ଏ. ୧ ଲିଟର ପାଣିରେ ଅଧାଗ୍ରାମ ମିଶାଇ ତଳି ରୋଇବାର ୩୦ ଦିନ ଏବଂ ୪୫ ଦିନ ପରେ ସିଞ୍ଚନ କରନ୍ତୁ ।

• ଅନ୍ୟ ପୁରୁଣା ଗଛରୁ ପିଲ ବାହାର କରି ଶୁନ୍ୟ ସ୍ଥାନ ପୂରଣ କରନ୍ତୁ ଯେପରିକି ସବୁଆଡେ ଗଛ ସଂଖ୍ୟା ସମାନ ଦେଖାଦେବ ତଥା ବର୍ଗମିଟର ପିଛା ୩୩ଟି ବୁଦା ରହିବ ।

• ସ୍ୱଳ୍ପ ଖାଲୁଆ ରୁଆ ଧାନ ଜମିରେ ପିଲ ଆସିବା ସମୟରେ ଏକର ପିଛା ୨୪ କି.ଗ୍ରା. ୟୁରିଆ ସହିତ ୧୩.୫ କି.ଗ୍ରା. ଏମ୍.ଓ.ପି. ମିଶାଇ ପ୍ରୟୋଗ କରନ୍ତୁ ।

• କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆ ଧାନରେ ଏକର ପିଛା ୪ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତ୍ର ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଯନ୍ତ୍ର ପ୍ରତି ୪ ରୁ ୫ଟି ହୋଇ ଥିବ ଏକର ପିଛା ୪ କି.ଗ୍ରା. କ୍ଲୋରାନଟ୍ରନିଲିପ୍ରୋଲ୍ ୦.୪ ଜି. ସହିତ ୪ କି.ଗ୍ରା. ବାଲି ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ୱା କ୍ଲୋରାନଟ୍ରନିଲିପ୍ରୋଲ୍ ୧୮.୫% ଏସ୍. ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

• ସଅଳ ରୁଆ ହୋଇଥିବା ଧାନ ଗଛରେ ପତ୍ରାଚ୍ଛଦ ପୋଡା ବା ସାପକାତିଆ ରୋଗ ଦେଖାଗଲେ ୧ ଲିଟର ପାଣିରେ ୧ ମି.ଲି. ଆମିଷ୍ଟାର୍ କିମ୍ୱା ସିଥମାର୍-୩ (ଭାଲିଡାମାଇସିନ୍ ୩ ଏଲ୍) ୨ ମି.ଲି. ୧ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

• ଧାନ ଗଛରେ ପତ୍ର ପୋଡା ବା ପତ୍ରାଗାର ରୋଗ ଦେଖାଦେଲେ ୧ ଲିଟର ପାଣିରେ କପର୍ ଅକ୍ସିକ୍ଲୋରାଇଡ୍ ୧.୫ ରୁ ୨ ଗ୍ରାମ ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

*******